ଗୃହସ୍ଥ ଭାରିଯା

କଳି





ଗୃହସ୍ଥ ଭାରିଯା କଳିକି ଦେଖ ।
କଳିକାଳି ଗୀତ ଏଣୁଁ ପରଖ ॥

ପ୍ରକାଶିକା : ମା କନକଦୁର୍ଗା

ପ୍ରେ: ମା: ଶ୍ରୀ ମୋହନ ଚରଣ ଦାସ

୫ମ ସଂସ୍କରଣ

ମୂଲ୍ୟ : ଚାରିପଇସା

ଗୃହସ୍ଥ ଭାରିଯା କଳି

(ନଟୁଗ୍ରୈରୀ ବୃତ୍ତେ)

ଶୁଣ ଶୁଣ ଭାଇ ମନକର୍ଣ୍ଣଦେଇ ଗୃହସ୍ଥ ଭାରିଯା କଳି ।
ଏକଳି କାଳରେ ଚଳନ୍ତି ଯେତେ ନରେ ଲେଖୁଅଛି ତାହାଭାଳି ହେ ।
ମୋର ଦୋଷ ନ ଧର । ଏହୁ କଳିର ରହସ୍ୟ ସାର ହେ । ୧ ।
ଓଡ଼ିଶା ଦେଶରେ ଅଟେ ତାଙ୍କ ଘର ଗୃହସ୍ଥ ଭାରିଯା ଦେନି ।
ତାଙ୍କର ନାମକୁ ପଚରୁର କଲେ ଲଜ୍ଜାହେବ ଲୋକେ ପୁଣି ହେ ।
ତେଣୁ କଲି ଗୁପତ । ବର୍ଣ୍ଣୁଅଛି ବୁଝ ସେ ଚରିତ ହେ । ୨ ।
ଏକ ଦିନକରେ ପତି କ୍ରୋଧଭରେ ପତ୍ନୀକି କହଇ ବାଣୀ ।
ଏତେବେଳ ହେଲା ଭାତ ରାନ୍ଧିନାହୁଁ କିସ କରୁଛୁ ଗଡ଼େଣୀ ଲୋ ।
ଜଳଜଳୀ ନ ମଲୁ । ତୁଚ୍ଛ କୁଳକୁ କଳଙ୍କୀ ହେଲୁ ଲୋ । ୩ ।
ଭାରିଯା କହଇ ଗୃହସ୍ଥଙ୍କୁ ତୁହି ମୁଖେ ନାହିଁ ତୋର ଲାଜ ।
ଅକାରଣେ ବାଇ ପଗଳ ହୋଇଣ ବଚନ କହୁ ନିର୍ଲଜ ରେ ।
କେତେ ଥୋଇଛୁ ଘରେ । ରାନ୍ଧି କୁଢ଼େଇ ଥାନ୍ତି ମୁହଁରେ ରେ ॥
ଏ ବଚନ ଶୁଣି କୋପେ ସ୍ୱାମୀ ଭଣି ଶୁଣ ଲୋ ଛତରା ଝିଅ ।
ମୋର କଥାକୁ ତୁ ଉତ୍ତର ଦେଇଣ କିପାଁ ଚଳାଉଛୁ ଦେହ ଲୋ
ଅଲୋ ଅପରଛନ୍ନୀ । କାଳୀ ଢୋକସି ଅଛ ଡାକେଣୀ ଲୋ । ୪ ।
ଗୃହିଣୀ କହଇ ଆରେ ପୋଡ଼ା ମୁହାଁ ବଉଁଶବୁଡ଼ା ଡାହୁକ ।
କାହିଁରୁ କଷ୍ଟ ତୋ ଠିକଣା ନ ଥାଇ କଥା କହୁ କେତେଡ଼େ ଠେକଠକ
ଆରେ କଳା ଭୁଷୁଣ୍ଡା । ଦେନି ଗୋଡ଼ ତୋ ଶଗଡ଼ ଦଣ୍ଡାରେ ।୫।
ଖଣ୍ଡାଖାଇ ମଣ୍ଡାଗିଳୀ ଦଣ୍ଡାଶୋଇ ଫାଟୋଇ କାଣୀ ଗୋଦରୀ ।
ତେଣ୍ଟେଇଗୋଡ଼ୀ ଦାନ୍ତୁରୀ ଲୋ ନ ମର ରହିଅଛୁ ଦେହଧରି ଲୋ
ବଡ଼ ଶୋଭା ସୁନ୍ଦରୀ । ରୂପେ ମୋହୁଅଛୁ ଜନିପୁରୀ ଲୋ । ୬ ।

ଅରେ ଝାଡ଼ାଝିଅ ରେପଠା ନାକୁଆ ଟେସ୍ସ କୁଜା ଥେଣ୍ଟା କାଲ୍ ।
ଲମ୍ବାମୁହା କୋଠି କେତେ କହୁ କଥି ଅଛୁ ନିତାନ୍ତ ପାଗଳରେ ।
ଝଣ୍ଟିଗଣିଅ ଗଡ଼ । ବୁଢା ସଅର ଧୁସୁରି ଥୋଡରେ । ୯ ।

ଆଲୋ ବଜାରୁଣୀ ବୁଲି ନାଉରାଣୀ ଅଲକ୍ଷଣୀ ଲମ୍ପଟେଣୀ ।
ଛତରୀ କୋଉରୀ ଦାନ୍ତୁରୀ ମୁତୁରୀ ନିର୍ଲଜ୍ଜୀ କଳହବାଣୀ ଲୋ ।
କେତେ କହୁ ଗୁହର । ଆଜ ଖାଇବୁ କେନ୍ଦୁ ପାହାର ଲୋ । ୯ ।

ଅରେ କଳା ବୋଦା କେତେ କହୁ ବାଧା କଥାମାନ ତୁହି ଅଙ୍ଗେ ।
ତୋହର ଘରକୁ ଅସିଲା ଦିନରୁ ଦିନେ ହୋଇ ନାହିଁ ସଜରେ ।
ଚେଲ୍ ହଳଦୀ । ମିଛ ନାହି ନାଅ ଖେଦ ରେ । ୧୦ ।

ଅଲୋ ନିଅଁଗିଳି ସାହାସୀ ମଡ଼ୁଛି ମୋ ଅଗେ କହୁଛୁ କେତେ ।
ତୋ ଭାଇ ଶଳାକୁ ଦଶଠେଙ୍କା ଦେଇ କାଣିଅଣି ଅଛୁ ତୋତେ ଲୋ
ତାହା ଗଲା ପାଶୋର । ଭଆ କହୁଛୁ କେତେ ରଙ୍ଗର । ୧୧ ।

ଅରେ ବଢ଼ଙ୍ଗିଅ ଅସ୍ତୁଆ ଠାପୁଆ ଅଲିସୁଆ ଦୁଷ୍ଟଗୁର
ବର୍ଣ୍ଣଶଙ୍କର କୁଜାଡିଆ ଅସୁର ପ୍ରକୃତି ଅଟେ ତୋହର ରେ ।
ବଣି ମଣିଷ ଝିଲୁ । ପେଟଠେଣ୍ଟା ଲୋକରେ ନ ମିଳୁ ରେ । ୧୨ ।


ଅଲୋ ହେଡା ଖାଇ ବଢ଼ଂଶ ବୁଡାଇ ସାତ ଭାଇ ଗଲେ ଲଙ୍କା ।
ବାପଭାଇ କୁଳ ସମସ୍ତେ ନିର୍ମୂଳ ଶଙ୍ଖୁନୀ ବସିଛୁ ଏକା ଲୋ ।
ତୁ ଯେ ସାଉ ଭଉଣୀ । ଅଟୁ ବଉଁଶଖାଇ ଡାକେଣୀ ଲୋ । ୧୩ ।

ବଳଦ ଅଖିଆ ଗୁର ନଶାଖିଆ ଅରେ ଲଙ୍କାପୋଡା ହନୁ ।
ଜୀବ ଥିବା ଯାଏ ପାଶୋର ନବକି ତୋର ଗୁଣମାନ ମନୁରେ ।
ତୁ ହୀନ ଅରକ୍ଷିତ । ପେଟ ପୂରେଇ ନ ଦେଉ ଭାତରେ । ୧୪ ।

ଅଲୋ ପାମରୀ ଛତରୀ ମିଥ୍ୟା ଭାଷି ଅଘଟ ଘଟାଇ ବାଲି ।
ଅଇଁଠାଖାଇ ନିଅ ଗିଳି ସାହାସୀ ମୋ ସଙ୍ଗେ କରୁଛୁ କଳି ଲୋ ।
ଆଜ ଦେବି ପାହାର । ଭେଉଁ ବାପ ପଡ଼ିବ ମିଠିର ଲୋ । ୧୫ ।

ଅରେ ବଡଖିଆ ମଦୁଆ ଅଧଆମୂହାଁ ଘରଢର ବୁଢ଼ା ।
ବୁଦ୍ଧି ଅଲସୁଆ ନାଆଁ ଗଲା ବୁଡା ନପଠ ଗୁନ୍ଧୁଆ ହଡା ।
ତୋର ହାତକୁ ଧର । ମୁହିଁ ମ୍ରିଗା କୁଟଳ ହତ ଶିଗରେ । ୧୬ ।
ଅଲୋ ଶଙ୍ଖିନୀ କଲହୀ କାଳିକାଣୀ ଚୂଇଁମୁହାଁ ଅନ୍ୟାଗୃସି ।
ଦାନୁସି ଛତସି ବଜାହୁଣୀ ସ୍ତ୍ରୀ [illegible]କଥେ କରୁଛୁ ଗୃହୁସି ଲୋ ।
ଗଲ୍ପ କରୁଛୁ ପିଟି । ସାରା କର [illegible]ଣ ଫିଟିଲୋ । ୧୭ ।
ଅରେ ଓଠ ମୁହା ବଳଦ ଅ[illegible] [illegible]ଲେର କରୁଛୁ ଗୁଡର ।
ତୋର ବାପଭାଇ ଛ[illegible]ଗାଲେ[illegible] ବ [illegible]ାଉ ଅଛନ୍ତି ଛତର ରେ ।
ବଡ ଦାଣ୍ଡେ ଅଛନ୍ତି । ଭିକ୍ଷା ମାଗି ଧନ କାଢୁଛନ୍ତି ରେ । ୧[illegible] ।
ଅଲୋ ମନ୍ଥଡ଼ି ଦାଆଁ ଗଛେ [illegible]ବାଠ କପାଁ ଲଗାଉଛୁ ତୁହି ।
ଦୁଇଗାଲରେ ତୋ ଚୁନକଳା ଦେବି ବୁଲୁଥିବୁ ସାଇ ସାଇ ଲୋ
ନାକକାଟି ଗୁଡ଼ିବ । ପୂର୍ଣ୍ଣି ମୁଣ୍ଡି [illegible] କରାଇବି ଲୋ । ୧୯ ।
ଅରେ ଗଛଜଳା ସବାଖିଆ କେ[illegible] ଚନ୍ଦ୍ରବାଡ଼ିରେ ନ ମଲୁ ।
ଖୋଲ ସମର୍ଥିଆ ହୋଇ ଘଟେରେ[illegible] ପଇସାଏ ନ ଅର୍ଜିଲୁ ରେ ।
ଫୁଲୁଫାଙ୍କାରେ ଦନ । ସତେ ଫିଟଟି ଭାବୁଛୁ ମନରେ । ୨୦ ।
ଅଲୋ ହାଡ଼ିମୁକା ଠାପୋଇ ଡାହୁକୀ ବାହାଡ଼ାଦାନ୍ତୀ ଚନ୍ଦାଇ ।
ଗାଣ୍ଡାସି ଛତସି ଅଟୁ ଅନ୍ୟାଗୃସି ଭାଲୁଣୀ ଜଳୁ ବାତୋଇ ଲୋ
ହାଣ୍ଡି ଖାଇ ଗୈରଣୀ । କୁଳକଳଙ୍କିନୀ ଅଲକ୍ଷଣୀ ଲୋ । ୨୧ ।
ଅରେ ଗଛଜଳା ସବାଖିଆ କେଳା ବଜଦ ଗାଇଜ ଭଣ୍ଡ ।
ଅଇଁଠାଖିଆ ଗୋଲମ ମିଥ୍ୟାବାଦୀ ଅଖି ଥାଉଁ ଥାଉଁ ଅନ୍ଧରେ ।
ପୋଡ଼ା ମୁହାଁ ବାନ୍ଦର । ବୃଥା କା[illegible]ଛୁ କଳି ହୁନ୍ଦର ରେ ।୨୨।
ଅଲୋ ଛାଉକା ରାକ୍ଷାସୁଣୀ କନ୍ଦୁଣୀ ମାଡ଼ରେ ଭାଙ୍ଗିବ ପିଠି ।
ଚୁଟି ଓହଲାଇ ଦୁଲୁ ୨ କର ଗୋଠ ଭେଟେ ଦେବି କୁଟିଲୋ ।
ଭାଙ୍ଗିଦେବି ତୋ ହାଡ । ଉଠିବାକୁ ନ ଥିବ ତୋ କାଢ଼ ଲୋ ॥

ଏହୁ କଟୁଭାଷା ଶୁଣି ନାରୀ ଈର୍ଷା କ୍ରୋଧେ ହୋଇ ଜରଜର ।
ବାଡ଼ି ପିଶାଚକୁ ଦେଇ ଗୃହସ୍ଥକୁ ହିଙ୍ଗାସେ ନାନାପ୍ରକାର ସେ ।
ଅତି ଭର୍ତ୍ସନା ବାଣୀ । ମୁଖେ ବଖାଣିଲା ପୁଣି ପୁଣି ସେ । ୨୪ ।
ଶୁଣି ସେ ଉତ୍ତର ହୋଇ କ୍ରୋଧଭର ଗୃହସ୍ଥ ସତ୍ତ୍ୱରେ ଉଠି ।
ଆଖି ମଟ ମଟ କରଣ ଝପଟ ଧଇଲା ଭାରଯା ଚୁଟି ହେ ।
କେଶୁ ପାଞ୍ଚଣ ଧରି । ପିଟି ପକାଇଲା ଗୋରୁ ପରି ହେ । ୨୫ ।
ମଲି ମଲି ବୋଲି ବାପଲୋ ମାଆଲୋ ନାରୀ ଛାଡ଼ିଲା ବୋବାଳି ।
କସ କସ ବୋଲି ସାହି ପଡ଼ୁଶୁଣି ପାଖଲୋକ ଗଲେ ମିଳି ସେ ।
ସେହୁ ବାଟେ ମାଗୁଣି । ଯାଉଥିଲେ ବିଦେଶକୁ ପୁଣି ହେ । ୨୬ ।
ଭଲଲୋକ ଧରି ଛଡ଼ା ଛଡ଼ି କରି କହନ୍ତି ପ୍ରବୋଧ କରି ।
ସଂସାର ଭିତରେ ତୁମ୍ଭେ ଏକା ଅଛ କେହି ନାହାନ୍ତି ଏପରି ହେ ।
ତୁମ୍ଭ ଘର କରିବା । ଭଲ ଜହର ଖାଇ ମରିବା ହେ । ୨୭ ।
ପରଘରେ ପରହିଁଅ ଘର କରେ ଛାତିକି କଲେ ପଥର ।
ସହିଲେତ ଦୁଃଖ ପଛେ ମିଳେ ସୁଖ ନ ହୋଇବ ଫର ଫର ସେ ।
ତେବେ ସଂସାର ଜନେ । ଲେଖା ହୁଅଇ ସେ ଜଣେ ପଣେ ସେ ॥
ଛାଡ଼ ସବୁ କଥା ପୋଡ଼ି ଦିଅ ମଥା ତୁମ୍ଭ କଥା ନ ରହିବ ।
ଦୁଷ୍ଟଜନ ସ୍ତ୍ରିରୀ ନୁହନ୍ତି କାହାର କହିଲେ ମହତ ଯିବ ହେ ।
ନଷ୍ଟ ଏ କଳିକାଳ । ଦେଖ ସ୍ତ୍ରିରୀକୁଳ ଯେ ପ୍ରବଳ ହେ । ୨୯ ।
ଭଦ୍ରଲୋକ ମିଳି ଭାଙ୍ଗି ତାଙ୍କ କଳି ଯେ ଯାହା ଗୃହେ ଚଳିଲେ ।
ଏତିକିରେ ଶେଷ କଲି ହେ ବିଦୂଷ ନାରଣ ଗୀତେ ଭଣିଲେ ସେ
ମନ ମିଳାଇଦେଲେ । ପତି ପତ୍ନୀ ଆନନ୍ଦେ ରହିଲେ ହେ । ୩୦ ।



ସମାପ୍ତ

ବି ଜ୍ଞା ପ ନ

ଗୁପ୍ତପ୍ରେମ ଚଠାଉ	ଟ ୦ ୶
କଳାପିକ	ଟ ୦ ୶
ପଦ୍ମ ତୋଳା	ଟ ୦ ୷
ଶବ୍ୟାଗ୍ରଣୀ ଶୋକ	ଟ ୦ /୬
ପ୍ରେମ୍ ପୀରତ	ଟ ୦ ୶୬
ଶ୍ରୀ କୃଷ୍ଣଙ୍କ ଅଷ୍ଟୋତ୍ତର ଶତନାମ	ଟ ୦ /୬
ଭ୍ରମରବର ଯୋଗୀ.ବେଶ	ଟ ୦ ୷
ଭ୍ରମରବର ରଙ୍ଗବତୀ ସମ୍ବାଦ	ଟ ୦ ୶
ନିତ୍ୟକର୍ମ ଟୀକାଭାଗବତ	ଟ ୦ /୬
ନୂଆ ନଟୁଗ୍ରେସ	ଟ ୦ ୯୬
ନଟୁ ଗ୍ରେସ	ଟ ୦ /
ଲୁଲ୍ ଫୌଜ	ଟ ୦ ୯୯
ସ୍ୱଦେଶୀ ବର	ଟ ୦ ।
ଜଳକେଳି	ଟ ୦ ୶
ପ୍ରତାପ ମିଳନ	ଟ ୦ ୶
ଦୋଳ ଭାବନା	ଟ ୦ ୶
ଯୁବତୀ ମିଳନ ପୂଜା ଭାବନା	ଟ ୦ ୶



ମନମୋହନ ପୁସ୍ତକାଳୟ, କଟକ-୨

୧୨୩।୧ଏ. ଚନ୍ଦ୍ରବଜାରଷ୍ଟ୍ରୀଟ, କଲିକତା-୧୨